# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**17 May - 2024**

**News Editor : Tapan Kumar Maharana**

**********************************

## ମୁଖ୍ୟ ସମ୍ବାଦ

- ଦେଶରେ ସପ୍ତମ ତଥା ରାଜ୍ୟର ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ହେଉଛି ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷଦିନ
- ବିଜେପି, କଂଗ୍ରେସ ଏବଂ ବିଜେଡିର ଷ୍ଟାର୍ ପ୍ରଚାରକମାନେ ରାଜ୍ୟର ନିର୍ବାଚନୀ ପ୍ରଚାରରେ ସାମିଲ
- ଉଚ୍ଚ ରକ୍ତଚାପ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ

ଏବଂ

- ଆରବ ସାଗରରୁ ବଙ୍ଗୋପସାଗରକୁ ପବନ ପ୍ରବେଶ କରୁଥିବାରୁ ରାଜ୍ୟରେ ତାପମାତ୍ରା ୨ ରୁ ୩ ଡିଗ୍ରୀ ବୃଦ୍ଧିପାଇବା ନେଇ ପାଣିପାଗ ବିଭାଗର ସୂଚନା

# ନିର୍ବାଚନ

ରାଜ୍ୟର ଚତୁର୍ଥ ତଥା ଦେଶରେ ସପ୍ତମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଆଜି ହେଉଛି ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷଦିନ। ଏହି ପର୍ଯ୍ୟାୟରେ ଆସନ୍ତା ମାସ ପହିଲାରେ ୭ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ମୋଟ ୫୭ଟି ଲୋକସଭା ଆସନ ପାଇଁ ମତଦାନ ହେବ। ସପ୍ତମ ତଥା ଶେଷ ପର୍ଯ୍ୟାୟରେ ଓଡ଼ିଶାର ୬ଟି, ଉତ୍ତର ପ୍ରଦେଶ ଓ ପଞ୍ଜାବର ୧୩ଟି ଲେଖାଏଁ ଆସନ, ପଶ୍ଚିମବଙ୍ଗର ୯ଟି, ବିହାରର ୮ଟି,  ହିମାଚଳ ପ୍ରଦେଶର ୪ଟି, ଝାଡ଼ଖଣ୍ଡର ୩ଟି ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଚଣ୍ଡିଗଡ଼ର ଗୋଟିଏ ଆସନରେ ମତଦାନ ହେବ। ଜୁନ୍ ୪ ତାରିଖରେ ସମସ୍ତ ପର୍ଯ୍ୟାୟର ଭୋଟ ଗଣତି ହେବ।

## ପ୍ରଧାନମନ୍ତ୍ରୀଙ୍କ ଗସ୍ତ

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ୧୯ ତାରିଖ ଦିନ ପହଞ୍ଚିବେ।  ଆସନ୍ତା ୨୦ ତାରିଖରେ ପୁରୀ ଗସ୍ତରେ ଆସି ଶ୍ରୀଜୀଉଙ୍କୁ ଦର୍ଶନ କରିବେ । ଏଥିସହିତ ପ୍ରଧାନମନ୍ତ୍ରୀ ପୁରୀ ବଡ଼ଦାଣ୍ଡରେ ଏକ ନିର୍ବାଚନୀ ରୋଡ୍ ଶୋ'ରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ସେହିଦିନ ଅପରାହ୍ଣରେ କଟକଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନ ସଭାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ଦଳୀୟ ପ୍ରଚାର-ଅମିତ୍ ଶାହା, ମୁଖ୍ୟମନ୍ତ୍ରୀ

ରାଜ୍ୟରେ ଆଉ ୩ଟି ପର୍ଯ୍ୟାୟ ନିର୍ବାଚନ ପାଇଁ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ନିର୍ବାଚନୀ ପ୍ରଚାର ସରଗରମ ହୋଇଉଠିଛି । ବିଭିନ୍ନ ରାଜନୈତିକ ଦଳର ପୁରୁଖା ନେତାମାନେ ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର ଲାଗି ଓଡ଼ିଶା ଆସି ଦଳୀୟ ପ୍ରଚାର କାର୍ଯ୍ୟରେ ଯୋଗ ଦେଉଛନ୍ତି । ସମ୍ବଲପୁରରେ ବିଜେଡ଼ି ଦଳର ସଭାପତି ତଥା **ମୁଖ୍ୟମନ୍ତ୍ରୀ** ନବୀନ ପଟ୍ଟନାୟକ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି। ରାଜ୍ୟ ସରକାର କାର୍ଯ୍ୟକାରୀ କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଭୋଟରମାନଙ୍କୁ ଅବଗତ କରାଇବା ସହିତ ତାଙ୍କ ଦଳର ପ୍ରାର୍ଥୀଙ୍କୁ ଭୋଟ ଦେବାପାଇଁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ବିଜେପିର ଷ୍ଟାର ପ୍ରଚାରକ **ହେମାମାଳିନୀ** ଆଜି ଭୁବନେଶ୍ୱରସ୍ଥିତ ସାଲିଆ ସାହିରେ ଜନସଭାକୁ ସମ୍ବୋଧିତ କରିଛନ୍ତି। ଏଥିସହ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି। ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ରମନ୍ତ୍ରୀ **ଅମିତ୍ ଶାହା** ଆଜି ଅପରାହ୍ଣରେ ରାଉରକେଲାଠାରେ ଅନୁଷ୍ଠିତ ନିର୍ବାଚନ ସଭାରେ ଜନସାଧାରଣଙ୍କୁ ସମ୍ବୋଧନ କରିବେ।

## ନିର୍ବାଚନ-ଭୁବନେଶ୍ୱର

ରାଜ୍ୟର ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ଆସନ୍ତା ୨୫ ତାରିଖରେ ଭୁବନେଶ୍ୱର ଲୋକସଭା ଆସନ ଏବଂ ଜୟଦେବ ବିଧାନସଭା ଆସନ ପାଇଁ ଭୋଟ୍‌ଗ୍ରହଣ କରାଯିବ।

ଭୁବନେଶ୍ୱରରେ ନିର୍ବାଚନ ସ୍ଥିତି ନେଇ ଆମ ସମ୍ବାଦଦାତା **ଦିପକ କୁମାର ବେହେରା**ଙ୍କ ରିପୋର୍ଟ....

# - V/O –

## ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷା

ରାଜ୍ୟର ବିଭିନ୍ନ ଘରୋଇ ତଥା ଅଣଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ଶିକ୍ଷା ଅଧିକାର ଆଇନ୍ ଅନୁସାରେ ଆର୍ଥିକ ଦୁର୍ବଳ ବର୍ଗର ଛାତ୍ରଛାତ୍ରୀଙ୍କ ମାଗଣା ଶିକ୍ଷା ପାଇଁ ୨୫ ପ୍ରତିଶତ ସ୍ଥାନ ଉପଲବ୍ଧ କରାଯାଉନଥିବା ପ୍ରସଙ୍ଗରେ ହାଇକୋର୍ଟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଅତିରିକ୍ତ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବରୁ ଏହି ମାମଲାରେ ନାମଲେଖାରୁ ବଞ୍ଚିତ ଛାତ୍ରଛାତ୍ରୀଙ୍କ ସଂକ୍ରାନ୍ତରେ ଆବେଦନକାରୀ ବିସ୍ତୃତ ତଥ୍ୟ ଉପସ୍ଥାପନ କଲେ ଏହାର ସମାଧାନ ଉପରେ ପଦକ୍ଷେପ ନେବାକୁ ହାଇକୋର୍ଟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ ।  ପୁଣିଥରେ ଆବେଦନକାରୀଙ୍କ ପକ୍ଷରୁ ଭୁବନେଶ୍ୱରର ପ୍ରାୟ ୫୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଘରୋଇ ବିଦ୍ୟାଳୟଗୁଡ଼ିକରେ ନାମଲେଖାରୁ ବଞ୍ଚିତ କରାଯାଇଥିବା ନେଇ ଏକ ଜନସ୍ୱାର୍ଥ ମାମଲା ଦାଏର କରାଯାଇଥିଲା । ଏହାର ଶୁଣାଣି କରି  ପ୍ରଧାନ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ ଓ ବିଚାରପତି ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି ।

# ମଧୁମେହ ଔଷଧ

କେନ୍ଦ୍ର ସରକାର ୪୧ଟି ଔଷଧର ମୂଲ୍ୟ ହ୍ରାସ କରିଛନ୍ତି । ସୂଚନା ଅନୁଯାୟୀ ଏହି ଔଷଧ ଗୁଡ଼ିକ ମଧୁମେହ, ହୃଦୟ ଓ ଯକୃତ ରୋଗ ଭଳି ରୋଗର ଚିକିତ୍ସା ପାଇଁ ବ୍ୟବହୃତ ହୋଇଥାଏ । ଜନସାଧାରଣଙ୍କୁ ଯେଭଳି ଅତ୍ୟାବଶ୍ୟକ ଔଷଧ କମ୍ ମୂଲ୍ୟରେ ମିଳିପାରିବ, ସେଥିପାଇଁ ଜାତୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ ପ୍ରାଧିକରଣ-ଏନପିପିଏ ର ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ବିଭିନ୍ନ ଔଷଧର ହ୍ରାସ ପାଇଥିବା ମୂଲ୍ୟ ସମ୍ପର୍କରେ ତୁରନ୍ତ ଡିଲର ଓ ଷ୍ଟକିଷ୍ଟଙ୍କୁ ଜଣାଇବାକୁ ଔଷଧ କଂପାନିଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି ।

# ନିର୍ବାଚନ ପ୍ରଚାର-ବଲାଙ୍ଗିର

ବଲାଙ୍ଗିର ଲୋକସଭା ଆସନ ସହ **ସୁବର୍ଣ୍ଣପୁର** ଜିଲ୍ଲାର ବୀରମହାରାଜପୁର ଓ ସୋନପୁର ବିଧାନସଭାମଣ୍ଡଳୀ ପାଇଁ ଆସନ୍ତା ୨୦ ତାରିଖରେ ଭୋଟ ଗ୍ରହଣ ହେବାକୁଥିବାବେଳେ ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର ବେଶ ସରଗରମ ହୋଇଉଠିଛି। ଜିଲ୍ଲାର ବିଭିନ୍ନ ଭାଗରେ ବିଜେପି, ବିଜେଡି, କଂଗ୍ରେସର ନିର୍ଦ୍ଦଳୀୟ ବିଧାୟକ ପ୍ରାର୍ଥୀମାନେ ନିଜ ନିଜର ଦଳୀୟ କର୍ମୀ ଓ ସମର୍ଥକଙ୍କୁ ନେଇ ଭୋଟରଙ୍କ ନିକଟରେ ଭୋଟଭିକ୍ଷା କରୁଛନ୍ତି । ପ୍ରଚାର କାର୍ଯ୍ୟ ଆସନ୍ତାକାଲି ସନ୍ଧ୍ୟାରେ ସରୁଥିବାବେଳେ ସମସ୍ତ ପ୍ରାର୍ଥୀ ଆଜି ଜିଲ୍ଲାର ବିଭିନ୍ନ ଭାଗରେ ପ୍ରଚାରରେ ଲାଗିପଡିଛନ୍ତି ।

## ନିର୍ବାଚନ-ଭଦ୍ରକ

ରାଜ୍ୟରେ ଆସନ୍ତାମାସ ୪ ତାରିଖରେ ହେବାକୁ ଥିବା ଭୋଟ ଗଣତି କାର୍ଯ୍ୟକ୍ରମ ପାଇଁ ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଲିମ୍ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠତ ହୋଇଯାଇଛି। ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମସ୍ତ ସହାୟକ ରିଟର୍ଣ୍ଣିଂ ଅଧିକାରୀ ଏବଂ ବିଭାଗୀୟ ଅଧିକାରୀମାନଙ୍କୁ ତାଲିମ୍ ପ୍ରଦାନ କରାଯାଇଛି।

## ଆଇନ୍ ସଚେତନତା କାର୍ଯ୍ୟକ୍ରମ

**ରାୟଗଡ଼ା** ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଦ୍ୱାରା ସହର ଉପକଣ୍ଠ ରାମଚନ୍ଦ୍ରପୁର ଗ୍ରାମରେ ଥିବା ଅଙ୍ଗନଓ୍ୱାଡି କେନ୍ଦ୍ର ପରିସରରେ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାୟୀ ଲୋକ ଅଦାଲତ କାର୍ଯ୍ୟକ୍ରମ, ମଧ୍ୟସ୍ଥତା ସମାଧାନ, ଜାତୀୟ ଆଇନ୍‌ସେବା ପ୍ରାଧିକରଣର ଟୋଲ୍ ଫ୍ରି ନମ୍ବର ଏବଂ ଆଇନ୍‌ସେବା ପ୍ରାଧିକରଣ ଆକ୍ଟ ୧୯୮୭ ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ଆଇନ୍ ସହାୟତା ଉପରେ ଆଲୋଚନା କରାଯାଇଛି।

## ଉଚ୍ଚ ରକ୍ତଚାପ ଦିବସ

ଉଚ୍ଚ ରକ୍ତଚାପ–ହାଇ ବ୍ଲଡ୍ ପ୍ରେସର୍‌ର ପ୍ରତିରୋଧ, ଚିହ୍ନଟ ଓ ନିୟନ୍ତ୍ରଣକୁ ନେଇ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ପାଳନ କରାଯାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ

ପକ୍ଷରୁ ୨୦୦୬ ମସିହାରୁ ପ୍ରତିବର୍ଷ ମଇ ୧୭ ତାରିଖରେ ଏହି ଦିବସ ପାଳନ କରାଯାଉଛି। ଶରୀରର ଧମନୀ ଓ ମୁଖ୍ୟ ରକ୍ତବାହିକା ଗୁଡ଼ିକର ୱାଲ୍‌ରୁ ବିପରୀତ ସଂଚାଳିତ ରକ୍ତ ଦ୍ୱାରା ନିର୍ଗତ ବଳ ହେଉଛି ଉଚ୍ଚ ରକ୍ତଚାପ । ହୃତ୍‌ପିଣ୍ଡର ସଂକୁଚିତ ବା ସ୍ପନ୍ଦିତ ପ୍ରକ୍ରିୟା ରକ୍ତବାହିକାରେ ଚାପ ଏହା ଅନୁସାରେ ହୋଇଥାଏ । ଚଳିତବର୍ଷର ବିଶ୍ୱ ଉଚ୍ଚ ରକ୍ତଚାପ ଦିବସର ବାର୍ତ୍ତା ହେଉଛି **ନିର୍ଭୁଲ ଭାବେ ନିଜର ରକ୍ତଚାପ ମାପନ୍ତୁ, ଏହାକୁ ନିୟନ୍ତ୍ରଣରେ ରଖନ୍ତୁ ଏବଂ ଦୀର୍ଘଜୀବୀ ହୁଅନ୍ତୁ।**

ଏକ ଅଧ୍ୟୟନରୁ ଜଣାପଡିଛି କ୍ରୋଧ ପରି ଦୀର୍ଘକାଳିନ  ଚାପ ଯୋଗୁଁ ରକ୍ତଚାପ ଓ ହୃଦ୍‌କ୍ରିୟା ନିୟନ୍ତ୍ରଣ କରିବାରେ ଜଡିତ ସ୍ନାୟୁ ସର୍କିଟକୁ ପ୍ରଭାବିତ କରିଥାଏ। ଅସ୍ୱାସ୍ଥ୍ୟକର ଉପାୟରେ କ୍ରୋଧର ପ୍ରତିକ୍ରିୟା ରକ୍ତଚାପ ଓ ହୃଦ୍‌ଘାତର ଆଶଙ୍କା ବଢ଼ାଇପାରେ। ତଥ୍ୟ ଅନୁସାରେ ପୃଥିବୀର ପ୍ରାୟ ୧୦୦ କୋଟି ଉଚ୍ଚ ରକ୍ତଚାପ ରୋଗୀଙ୍କ ମଧ୍ୟରୁ ଭାରତରେ ୨୨ କୋଟି ଉଚ୍ଚ ରକ୍ତଚାପ ରୋଗୀ ରହିଥିବା ଜଣାପଡ଼ିଛି।

# ବିଶ୍ୱ ଦୂରସଂଚାର ଦିବସ

ସୂଚନା ଓ ପ୍ରଯୁକ୍ତି, ଇଣ୍ଟରନେଟ୍ ଭଳି ଆଧୁନିକ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ବର୍ତ୍ତମାନ ସମୟରେ ସମାଜ ଉପରେ ଗଭୀର ପ୍ରଭାବ ସୃଷ୍ଟି କରିଛି । ସମାଜ ଉପରେ ଏହାର ପ୍ରଭାବକୁ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ୨୦୦୬ ମସିହାରୁ ମିଳିତ ଜାତିସଂଘ ପକ୍ଷରୁ ଆଜିର ଦିନକୁ ବିଶ୍ୱ ଦୂରସଂଚାର ଦିବସ ରୂପେ ପାଳନ କରାଯାଉଛି। ସୂଚନାଯୋଗ୍ୟ

୧୮୬୫ ମସିହା ଆଜିର ଦିନରେ ଆନ୍ତର୍ଜାତିକ ଦୂରସଂଚାର ସଂଘ-ଇଣ୍ଟରନ୍ୟାଶନାଲ୍ ଟେଲି କମ୍ୟୁନିକେସନ୍ ୟୁନିୟନ୍ ଗଠନ କରାଯାଇଥିଲା ।

# ସାରଥୀ ପୋର୍ଟାଲ୍ ବନ୍ଦ

ନୂଆ ଡ୍ରାଇଭିଂ ଲାଇସେନ୍ସ ଏବଂ ଲର୍ଣ୍ଣିଂ ଲାଇସେନ୍ସ ଅନ୍‌ଲାଇନ୍ ଆବେଦନକାରୀଙ୍କ ପାଇଁ ସାରଥୀ ପୋର୍ଟାଲ୍ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ । ସାରଥୀ ପୋର୍ଟାଲ୍‌ର ରକ୍ଷଣାବେକ୍ଷଣ କାର୍ଯ୍ୟ ଚାଲୁ ରହିଥିବାରୁ ଏହାକୁ ବନ୍ଦ ରଖାଯାଇଥିବା ପରିବହନ ବିଭାଗ ସୂତ୍ରରୁ ଜଣାପଡ଼ିଛି ।

## ପାଣିପାଗ

ଦକ୍ଷିଣ ଗୋଲାର୍ଦ୍ଧ ବିଷୁବରେଖା ଅତିକ୍ରମ କରୁଥିବା ପବନ ଆରବ ସାଗରକୁ ଆସୁଛି। ପାଣିପାଗ ବିଭାଗର ସୂଚନା ଅନୁସାରେ, ଆରବ ସାଗରରୁ ଏହି ପବନ ବଙ୍ଗୋପସାଗରରେ ପହଞ୍ଚୁଥିବାରୁ ଆସନ୍ତା ୩ରୁ ୪ ଦିନ ମଧ୍ୟରେ ଦିନ ତାପମାତ୍ରା ବୃଦ୍ଧି ପାଇବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଏହି ସମୟ ମଧ୍ୟରେ କେତେକ ଜିଲ୍ଲାରେ ଦିନ ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି ।

ଚଳିବର୍ଷ ଦକ୍ଷିଣପଶ୍ଚିମ ମୌସୁମୀ ବାୟୁ ସ୍ୱାଭାବିକଠାରୁ ଗୋଟିଏ ଦିନ ପୂର୍ବରୁ କେରଳ ଛୁଇଁବା ସମ୍ଭାବନା ଅଛି ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଜୁନ୍ ପହିଲାରେ ଦକ୍ଷିଣପଶ୍ଚିମ ମୌସୁମୀବାୟୁ ସ୍ୱାଭାବିକ ଭାବେ କେରଳ ଛୁଇଁଥାଏ। ମାତ୍ର ଏବର୍ଷ ମଇ ୩୧ ସୁଦ୍ଧା କେରଳ ଉପକୂଳ

ଛୁଇଁପାରେ। ଅପରପକ୍ଷେ, ଗତ ୨୪ ଘଣ୍ଟା ମଧ୍ୟରେ ବାୟୁମଣ୍ଡଳରେ ମଧ୍ୟ ଏବଂ ଉପରିଭାଗର ସକ୍ରିୟ ନିମ୍ନଚାପ ରେଖା ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ମେଘୁଆ ପାଗ ସହ କେତେକ ସ୍ଥାନରେ ହାଲୁକା ବର୍ଷା ହୋଇଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ନୂଆପଡା, ବଲାଙ୍ଗିର, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି ଘଡଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

*******************************